# NATIONAL NEWS BULLETIN (ODIA)

**18 June- 2025**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ପାକିସ୍ତାନ ସହିତ ସମସ୍ୟାର ସମାଧାନ ପାଇଁ କୌଣସି ମଧ୍ୟସ୍ଥତାକୁ ଭାରତ ଗ୍ରହଣ କରିବ ନାହିଁ ବୋଲି କହିଲେ ପ୍ରଧାନମନ୍ତ୍ରୀ
- ଭାରତ ଓ କ୍ରୋଏସିଆ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି, କୃଷି, ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ହେବ ଗୁରୁତ୍ୱପୂର୍ଣ୍ଣ ରାଜିନାମା
- ବାଣିଜ୍ୟ ମନ୍ତ୍ରୀଙ୍କର ଆଜିଠାରୁ ଦୁଇଦିନିଆ ବ୍ରିଟେନ୍ ଗସ୍ତ ଆରମ୍ଭ
- ଆନ୍ଧ୍ରପ୍ରଦେଶରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓନେତା ନିହତ

ଏବଂ

- ଚତୁରାଷ୍ଟ୍ରୀୟ ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଯୋଗଦେବା ଲାଗି ଭାରତୀୟ ହକି ଦଳର ଜର୍ମାନୀ ଗସ୍ତ

## ପିଏମ୍-ଟ୍ରମ୍ପ ଟକ୍

ଭାରତ କେବେ ବି ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଗ୍ରହଣ କରେନାହିଁ ଏବଂ ପାକିସ୍ତାନ ସହିତ ସମସ୍ୟାର ସମାଧାନ ପାଇଁ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦୃଢ଼ତାର ସହ କହିଛନ୍ତି । ଶ୍ରୀ ମୋଦୀ ଟ୍ରମ୍ପଙ୍କ ସହିତ ଟେଲିଫୋନ୍ ବାର୍ତ୍ତାଳାପରେ ଅପରେସନ ସିନ୍ଦୂର ସଂପର୍କରେ ଆଲୋଚନା କରିଥିଲେ ।

ଏହି ସମୟରେ ସେ ସ୍ପଷ୍ଟ ଭାବେ କହିଥିଲେ ଯେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ନିକଟରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ଆମେରିକା ଦ୍ୱାରା ଭାରତ ଏବଂ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା ଉପରେ କୌଣସି ସ୍ତରରେ ଆଲୋଚନା ହୋଇନାହିଁ । ସେ ଆହୁରି କହିଛନ୍ତି ଯେ ଉଭୟ ସେନା ମଧ୍ୟରେ ପ୍ରତିଷ୍ଠିତ ମାଧ୍ୟମ ଅଧୀନରେ ନୂଆଦିଲ୍ଲୀ ଏବଂ ଇସ୍‌ଲାମାବାଦ ମଧ୍ୟରେ ସିଧାସଳଖ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ବିଷୟରେ ଆଲୋଚନା ହୋଇଥିଲା । ଏହି ଆଲୋଚନା କେବଳ ପାକିସ୍ତାନ ପକ୍ଷରୁ କରାଯାଇଥିବା ଅନୁରୋଧ ଉପରେ ହିଁ ପର୍ଯ୍ୟବେସିତ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ଶ୍ରେୟ ନେବାକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବାରମ୍ବାର ଦାବି ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ବିଷୟ ସ୍ପଷ୍ଟ କରିଛନ୍ତି ।

ଟ୍ରମ୍ପଙ୍କ ସହିତ ହୋଇଥିବା ବାର୍ତ୍ତାଳାପ ସଂପର୍କରେ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ ୩୫ ମିନିଟ୍‌ର ଏହି ବାର୍ତ୍ତାଳାପ ସମୟରେ ନୂଆଦିଲ୍ଲୀ ବର୍ତ୍ତମାନ ଆତଙ୍କବାଦ କାର୍ଯ୍ୟକଳାପକୁ ଛଦ୍ମ ନାମେ କାର୍ଯ୍ୟ ଭାବରେ ନୁହେଁ, ବରଂ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରିବ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

**V/O**

ଶ୍ରୀ ମିଶ୍ରି ସୂଚନା ଦେଇଥିଲେ ଯେ ମେ ୬ ଓ ୭ ତାରିଖ ରାତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆମେରିକା ରାଷ୍ଟ୍ରପତିଙ୍କୁ କହିଥିଲେ ଯେ ଭାରତ କେବଳ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରର ଆତଙ୍କବାଦୀଙ୍କ

ଆଡ୍ଡା ଉପରେ ଆକ୍ରମଣ କରିଛି । କାନାଡାରେ ଜି-୭ ଶିଖର ସମ୍ମିଳନୀ ଅବସରରେ ଶ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କର ସାକ୍ଷାତ କାର୍ଯ୍ୟକ୍ରମ ଥିଲା । କିନ୍ତୁ ଟ୍ରମ୍ପ ଶୀଘ୍ର ଆମେରିକା ଫେରିଯିବାକୁ ପଡ଼ିବାରୁ ଉଭୟ ନେତାଙ୍କ ମଧ୍ୟରେ ବୈଠକ ହୋଇପାରି ନଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭାରତ ଆସିବା ପାଇଁ ଆମନ୍ତ୍ରଣ କରିଥିଲେ, ଯାହାକୁ ସେ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

---

# ପିଏମ୍-କ୍ରୋଏସିଆ ଭିଜିଟ୍

ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ କ୍ରୋଏସିଆର ଜାଗ୍ରେବ୍ ଗସ୍ତ କରିବେ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ରଣନୈତିକ ସହଯୋଗକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ଗସ୍ତ ଅବସରରେ ଉଭୟ ଦେଶ ମଧ୍ୟରେ ପ୍ରତିନିଧିମଣ୍ଡଳୀ ସ୍ତରୀୟ ଆଲୋଚନା, ପ୍ରମୁଖ କ୍ଷେତ୍ରରେ ରାଜିନାମା ଏବଂ ସାଂସ୍କୃତିକ କୂଟନୀତି ଅନ୍ତର୍ଭୁକ୍ତ ରହିବ । ଏହି ଗସ୍ତ କାଳରେ ଭାରତ ଏବଂ କ୍ରୋଏସିଆ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି, କୃଷି, ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ ହେବ। ବିଜ୍ଞାନ କ୍ଷେତ୍ରରେ ସହଯୋଗର ଏକ କାର୍ଯ୍ୟକ୍ରମ, ମିଳିତ ଗବେଷଣା ଏବଂ ଜ୍ଞାନ ବିନିମୟକୁ ପ୍ରୋତ୍ସାହିତ କରିବ ।

କୃଷିକ୍ଷେତ୍ରରେ ହେବାକୁ ଥିବା ରାଜିନାମାରେ ୩୦ଟି କ୍ଷେତ୍ରକୁ ପ୍ରାଥମିକତା ଦିଆଯିବ । ୨୦୩୦ ପର୍ଯ୍ୟନ୍ତ ସାଂସ୍କୃତିକ ବିନିମୟ

କାର୍ଯ୍ୟକ୍ରମର ସଂପ୍ରସାରଣ ଉପରେ ମଧ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଆଶା କରାଯାଉଛି । ଏଥିରେ ପ୍ରଦର୍ଶନ କଳା, ସଂଗ୍ରହାଳୟ, ପ୍ରତ୍ନତତ୍ତ୍ୱ ଏବଂ ଗଣମାଧ୍ୟମ ଆଦି ବିଷୟ ଅନ୍ତର୍ଭୁକ୍ତ ରହିଛି ।

ଏହି ଅବସରରେ ଜାଗ୍ରେବ୍ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଚେୟାରକୁ ମଧ୍ୟ ସଂପ୍ରସାରଣ କରାଯିବ, ଯାହା ଭାରତର ଭାଷାଗତ ଓ ଶିକ୍ଷାଗତ ପ୍ରସାରକୁ ବୃଦ୍ଧି କରିବ ।

ଆତଙ୍କବାଦ ଉପରେ ଭାରତର ଆଭିମୁଖ୍ୟ ଏବଂ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ଆସନ ପାଇଁ କ୍ରୋଏସିଆର ସମର୍ଥନ ହାସଲ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଦୁଇଦେଶ ଭାରତ-ୟୁରୋପୀୟ ସଂଗ ମୁକ୍ତ ବାଣିଜ୍ୟ ରାଜିନାମା ଏବଂ ୟୁରୋପ, ମଧ୍ୟପ୍ରାଚ୍ୟ ଏବଂ ଭାରତକୁ ଯୋଡୁଥିବା ବ୍ୟାପକ ସଂଯୋଗ କରିଡର ପ୍ରସଙ୍ଗରେ ମଧ୍ୟ ସମନ୍ୱୟ ଭିତ୍ତିକ ଆଲୋଚନା ହେବ ବୋଲି ଆଶା କରାଯାଉଛି ।

---

## ଗୋୟଲ୍-ୟୁକେ ଭିଜିଟ୍

କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ ଆଜି ଦୁଇଦିନିଆ ବ୍ରିଟେନ୍ ଗସ୍ତରେ ଯାଇଛନ୍ତି । ଭାରତ ଏବଂ ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା-ଏଫ୍‌ଟିଏ କୁ ଚୂଡ଼ାନ୍ତ କରିବା ପାଇଁ ଦୁଇଦେଶର ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରିପ୍ରେକ୍ଷୀରେ ବ୍ରିଟେନ୍ ସହିତ ଏହାର ଅର୍ଥନୈତିକ ଓ ବାଣିଜ୍ୟ ଭାଗିଦାରିକୁ ମଜବୁତ କରିବା ଉପରେ ଭାରତ ଗୁରୁତ୍ୱ ଦେବ ।

ଏହି ଗସ୍ତ ସଂପର୍କରେ ବାଣିଜ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ଶ୍ରୀ ଗୋଏଲ୍ ବ୍ରିଟେନ୍‌ର ବ୍ୟବସାୟୀ ଏବଂ ବାଣିଜ୍ୟ ସଚିବଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରିବେ । ଉଭୟ ନେତା ବର୍ତ୍ତମାନ ଚାଲିଥିବା ଏଫ୍‌ଟିଏ

ଆଲୋଚନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବେ । ଏଥିସହିତ ରାଜିନାମା ଚୁଡ଼ାନ୍ତ କରିବା ଏବଂ ଏହାର କାର୍ଯ୍ୟାନ୍ୱୟନ ପାଇଁ ଲକ ସ୍ପଷ୍ଟ ଓ ସମୟବଦ୍ଧ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ଉପରେ ଏହି ଆଲୋଚନା ଗୁରୁତ୍ୱ ରଖିବ । ଦୁଇଦେଶ ମଧ୍ୟରେ ବୃହତ ଅର୍ଥନୈତିକ ପ୍ରାଥମିକତା, ଆର୍ଥିକ ସହଯୋଗ ଏବଂ ନିବଶ ସୁବିଧା ଉପରେ ଆଲୋଚନା କରିବା ପାଇଁ ମନ୍ତ୍ରୀ ଶ୍ରୀ ଗୋୟଲ ବ୍ରିଟେନ୍ ରାଜକୋଷର କୁଳପତି ସୁଶ୍ରୀ ରାଚେଲ୍ ରିଭ୍‌ସି ଙ୍କୁ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

## ନକ୍ସଲ

ଆନ୍ଧ୍ରପ୍ରଦେଶରେ ଆଲୁରି ସୀତାରାମ ରାଜୁ ଜିଲ୍ଲା ଅନ୍ତର୍ଗତ କୋଣ୍ଡମୋଡାଲୁ ଜଙ୍ଗଲ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ଜଣ ମାଓନେତା ନିହତ ହୋଇଛନ୍ତି । ସ୍ୱତନ୍ତ୍ର ଜୋନାଲ୍ ମାଓଇଷ୍ଟ କମ୍ୟୁନିଷ୍ଟ ସଦସ୍ୟ ତଥା ମୃତ ମାଓନେତା ଚଲପତି ରାଓଙ୍କ ପତ୍ନୀ ଅରୁଣା, କେନ୍ଦ୍ରୀୟ ମାଓ କମିଟି ସଦସ୍ୟ ଗଜର୍ଲା ରବି ଓରଫ ଉଦୟ ଏବଂ ଏଓବି ସ୍ୱତନ୍ତ୍ର ଜୋନାଲ୍ ମାଓ କମିଟିର ଏସିଏମ୍ ଅଞ୍ଜୁ ଏନ୍‌କାଉଣ୍ଟରରେ ପ୍ରାଣ ହରାଇଥିବା ସୂଚନା ମିଳିଛି । ସୁରକ୍ଷାକର୍ମୀମାନେ ଘଟଣାସ୍ଥଳରୁ ୩ଟି ଏକେ-୪୭ ରାଇଫଲ୍ ଜବତ କରିଛନ୍ତି ।

## ଯୋଗ

ଆସନ୍ତା ୨୧ ତାରିଖରେ ସମଗ୍ର ବିଶ୍ୱରେ ଏକାଦଶତମ ଆନ୍ତର୍ଜାତିକ ଯୋଗଦିବସ ପାଳନ କରାଯିବ । ଏହି ଅବସରରେ ପ୍ରାଚୀନ ଭାରତୀୟ ପରମ୍ପରାରୁ ଏକ ବିଶ୍ୱ ଆନ୍ଦୋଳନକୁ ଯୋଗର ବିବର୍ତ୍ତନ ଉପରେ ଆକାଶବାଣୀ ସମାଚାର ପକ୍ଷରୁ ଏକ ସ୍ୱତନ୍ତ୍ର ଉପସ୍ଥାପନା :

**V/O**

ଯୋଗର ଇତିହାସ ଭାରତର ପ୍ରାଚୀନ ସଭ୍ୟତା ସହିତ ଗଭୀର ଭାବେ ଜଡ଼ିତ । ଏହା ପ୍ରାରମ୍ଭିକ ସିନ୍ଧୁ-ସରସ୍ୱତୀ ପତ୍ୟକା ସଂସ୍କୃତିର ଏକ ଆଧ୍ୟାତ୍ମିକ ଅଭ୍ୟାସ ଭାବରେ ଆରମ୍ଭ ହୋଇଥିଲା । ଧୀରେ ଧୀରେ ଏହା ଆତ୍ମଉପଲବ୍ଧି ଦିଗରେ ଏକ ଶୃଙ୍ଖଳିତ ପଥରେ ବିକଶିତ ହୋଇ ଆସିଛି । ଅନେକ ବର୍ଷ ଧରି ବିଦ୍ୱାନମାନେ ବିଶ୍ୱାସ କରୁଥିଲେ ଯେ ବୌଦ୍ଧ ଧର୍ମର ଉତ୍ଥାନ ସମୟରେ ପ୍ରାୟ ୫୦୦ ଖ୍ରୀଷ୍ଟପୂର୍ବରେ ଯୋଗର ଉତ୍ପତ୍ତି ହୋଇଥିଲା । ତେବେ ଯୋଗ ବହୁ ପୁରୁଣା ବୋଲି ସିନ୍ଧୁ-ସରସ୍ୱତୀ ଉପତ୍ୟକା ସଭ୍ୟତାର ଅନୁସନ୍ଧାନରୁ ଜଣାପଡ଼ିଛି । ସମୟକ୍ରମେ ଏହି ଯୋଗାଭ୍ୟାସ ଏକ ସମୃଦ୍ଧ ଶୃଙ୍ଖଳାରେ ପରିଣତ ହେଲା । ଏହା ବେଦ, ଉପନିଷଦ ଏବଂ ପରେ ପତଞ୍ଜଳୀ ଯୋଗର ସୂତ୍ରରେ ପ୍ରବାହିତ ହୋଇଥିଲା । ଯୋଗ ବିଷୟରେ ମହାଭାରତର ଗଭୀର ସନ୍ଦର୍ଭଠାରୁ ଆରମ୍ଭ କରି ସ୍ୱାମୀ ବିବେକାନନ୍ଦ ଏବଂ ବିକେ ଏସ୍. ଆୟଙ୍ଗରଙ୍କ ପରି ମହାନ୍ ଯୋଗଗୁରୁଙ୍କ ଦ୍ୱାରା ଉନବିଂଶ ଏବଂ ବିଂଶ ଶତାବ୍ଦୀର ପୁନରୁଦ୍ଧାର ପର୍ଯ୍ୟନ୍ତ ଯୋଗ ଏକ ପ୍ରାଚୀନ ପାରମ୍ପରିକ ଧାରାରୁ ସାର୍ବଜନୀନ ଶୃଙ୍ଖଳାରେ ରୂପାନ୍ତରିତ ହୋଇଛି ।

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଜାତିସଂଘର ସାଧାରଣ ସଭାକୁ ସମ୍ବୋଧିତ କରି ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗଦିବସ ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହା ବିପୁଳ ସମର୍ଥନ ସହିତ ଗୃହୀତ ହୋଇଥିଲା । ସେବେଠାରୁ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି । ଚଳିତ ସପ୍ତାହରେ ଆମେ ଏକାଦଶ ତମ ଯୋଗ ଦିବସ ପାଳନ କରୁଥିବା ବେଳେ ୨୦୨୫ ଯୋଗ ଦିବସର ବାର୍ତ୍ତା ରହିଛି **ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ।** କୌଣସି

*ବ୍ୟକ୍ତିର ଧର୍ମ, ଜାତି ବା ଜାତୀୟତା ଯାହା ହୋଇଥାନ୍ତୁ ନା କାହିଁକି ଯୋଗ ଏକ ସୁସ୍ଥ, ସନ୍ତୁଳିତ ଏବଂ ଅର୍ଥପୂର୍ଣ୍ଣ ଜୀବନ ପାଇଁ ମାର୍ଗଦର୍ଶନ କରିଥାଏ ।*

## ଜୁନିୟର ହକି

ଆସନ୍ତା ୨୧ ତାରିଖରୁ ଜର୍ମାନୀରେ ଆରମ୍ଭ ହେଉଥିବା ଚତୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ଭାରତୀୟ ପୁରୁଷ ହକି ଦଳ ଆଜି ବେଙ୍ଗାଲୁରୁରୁ ଯାତ୍ରା ଆରମ୍ଭ କରିଛି । ଅଧିନାୟକ ଅରିଜିତ ସିଂ ହୁଣ୍ଡାଲଙ୍କ ନେତୃତ୍ୱରେ ଭାରତୀୟ ଦଳ ଆସନ୍ତା ୨୧ରେ ଆୟୋଜକ ଜର୍ମାନୀକୁ ଭେଟିବ । ଏହା ପରେ ୨୨ ତାରିଖ ଦିନ ଅଷ୍ଟ୍ରେଲିଆ ଏବଂ ୨୪ ତାରିଖ ଦିନ ସ୍ପେନ୍ ବିପକ୍ଷରେ ଖେଳିବ ।

## ହକି ମାଷ୍ଟର୍ସ କପ୍

ପୁରୁଷ ଏବଂ ମହିଳା ଉଭୟ ବର୍ଗରେ ଆଜିଠାରୁ ଚେନ୍ନାଇ ଠାରେ ହକି ଇଣ୍ଡିଆ ମାଷ୍ଟର୍ସ କପ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି । ତାମିଲନାଡୁ ହକି ୟୁନିଟ୍ ପକ୍ଷରୁ ଏହି ୧୦ ଦିନିଆ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି । ପୁରୁଷ ବର୍ଗରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ମହିଳା ବର୍ଗରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ । ୧୨ ଜଣିଆ ଦଳକୁ ନେଇ ପୁରୁଷ ବର୍ଗରେ ଏବଂ ୮ ଜଣିଆ ଦଳକୁ ନେଇ ମହିଳା ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ମହିଳା ବର୍ଗରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ହିମାଚଳ ପ୍ରଦେଶ ଏବଂ ମହାରାଷ୍ଟ୍ର ଓ କର୍ଣ୍ଣାଟକ ଏବଂ କେରଳ ମଧ୍ୟରେ ମୁକାବିଲା ହେବ । ପୁରୁଷ ବର୍ଗରେ ପଞ୍ଜାବ ଏବଂ ପୁଡୁଚେରୀ ପରସ୍ପରକୁ ଭେଟିବେ ।

# ଆଇଏମ୍‌ଡି-ଓ୍ୱେଦର

ମେଘାଳୟ, ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ବିହାର, ଛତିଶଗଡ଼, କର୍ଣ୍ଣାଟକ ଉପକୂଳ, ଗୁଜରାଟ, କୋଙ୍କଣ, ଗୋଆ, ମଧ୍ୟମହାରାଷ୍ଟ୍ର ଏବଂ ଉତ୍ତରପୂର୍ବ ରାଜ୍ୟ ଗୁଡ଼ିକରେ କେତେକ ଅଞ୍ଚଳରେ ଆଗାମୀ ତିନି ଦିନ ମଧ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଆକଳନ କରିଛି ।